# ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି, ଜିଲ୍ଲା-ସମ୍ବଲପୁର

ସଂରକ୍ଷଣ ବିମୋଚନ ମୋକଦ୍ଦମା ନଂ. ୦୬ /୨୦୨୬

## ସର୍ବସାଧାରଣ ଘୋଷଣା

ନୋଟିସ ନଂ. ୪୮୭ ତାରିଖ: 05.03.2025

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ଲପଙ୍ଗା ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ସାଧାରଣ ପରିଚାଳକ (ଭୂ-ଅର୍ଜନ), ତଲାବିରା ୨ ଓ ୩ ଓ.ସି.ପି., ଏନ.ଏଲ.ସି,, ଇଣ୍ଡିଆ ଲିମିଟେଡ୍ ତାର ନିଜର **Office Building & Township** କୁ ପ୍ରବେଶ ରାସ୍ତା ନିର୍ମାଣ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯାଳୟରେ ଦରଖାସ୍ତ ଦାଖଲ କରିଛନ୍ତି ଓ ତତ ଅନୁସାରେ ପଦକ୍ଷେପ ନିଆଯିବ । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ "ରକ୍ଷିତ" ଖାତାରେ କିସମ "ଗୋଚର" ରେକର୍ଡ ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ସଂରକ୍ଷଣ ବିମୋଚନ ତଥା କିସମ ପରିବର୍ତନ ର ଆବଶ୍ୟକ ପଡୁଅଛି ଓ ତତ ଅନୁଯାଇ ପଦକ୍ଷେପ ନିଆ ଯିବ ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପରି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯାଳୟରେ ଲିଖିତ ଆକାରରେ ଟ. ୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ରସ୍ତାବିତ ରକବା | କିସମ |
|---|---|---|---|---|
| ଲପଙ୍ଗା | ୩୭୦ (ରକ୍ଷିତ) | ୧୧୩୭ ରୁ | ୦.୮୦ | ଗୋଚର |
| ମୋଟ | ୧ ଖାତା | ୧ ପ୍ଲଟ | ୦.୮୦ | |

ତହସିଲଦାର,ରେଙ୍ଗାଲି
TAHASILDAR
Rengali (Sambalpur)

ଜ୍ଞାପକ ସଂଖ୍ୟା........୪୮୮........ ତା: ........05.03.2025........

ଏହାର ଏକ କିତା ନକଲ ସମ୍ବଲପୁର ଉନ୍ନୟନ କର୍ତୃପକ୍ଷ, ସମ୍ବଲପୁର/ ସଂପୃକ୍ତ ଗ୍ରାମର ମଧସ୍ଥଳିରେ ଜାରିକରିବା ପାଇଁ ରାଜସ୍ୱ ନିରୀକ୍ଷକ ଲପଙ୍ଗାଙ୍କ କାର୍ଯାଳୟ / ଗ୍ରାମ ପଞ୍ଚାୟତ ଲପଙ୍ଗା ଏବଂ ତହସିଲ କାର୍ଯାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକ, ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
TAHASILDAR
Rengali (Sambalpur)